ତହସିଲଦାରଙ୍କ କାର୍ଯ୍ୟାଳୟ, କନ୍ଧମାଳ ।

(ଦୀର୍ଘ ମିଆଦି ଲଘୁ ଖଣିଜ ଲିଜ ନିମନ୍ତେ ନିଲାମ ବିଜ୍ଞପ୍ତି)

ବିଜ୍ଞାପନ ସଂଖ୍ୟା 1910 ତାରିଖ ୨୪.୮.୨୦

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧିନସ୍ଥ ବୌଦ୍ଧ ଜିଲ୍ଲା ଅନ୍ତର୍ଗତ କନ୍ଧମାଳ ତହସିଲରେ ଥିବା ନିମ୍ନଲିଖିତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡିକୁ ୨୦୨୦-୨୧ ବର୍ଷଠାରୁ ୫ ବର୍ଷ ପାଇଁ ଦୀର୍ଘ ମିଆଦି ଲିଜ ସୂତ୍ରେ ବନ୍ଦୋବସ୍ତ କରିବା ପାଇଁ ଏହି କାର୍ଯ୍ୟାଳୟ ବିଜ୍ଞାପନ ସଂଖ୍ୟା-୧୬୧୪ ତା-୧୪.୦୭.୨୦୨୦ ରିଖ ଜରିଆରେ ଦରଖାସ୍ତ ଆହ୍ୱାନ କରାଯାଇଥିଲା । କିନ୍ତୁ କେତେକ ଅନିର୍ବାର୍ଯ୍ୟ କାରଣ ବଶତଃ ଉକ୍ତ ନିଲାମକୁ ଏହି କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୬୯୮ ତା-୨୮.୦୭.୨୦୨୦ରିଖ ଦ୍ଵାରା ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ସ୍ଥଗିତ କରାଯାଇଥିଲା । ବର୍ତ୍ତମାନ ପୁନଶ୍ଚ ଉକ୍ତ ଲଘୁ ଖଣିଜ ଦ୍ରବ୍ୟ ଉତ୍ସଗୁଡିକୁ ନିମ୍ନ ସର୍ତ୍ତାବଳୀ ପ୍ରକାରେ ୨୦୨୦-୨୧ ବର୍ଷଠାରୁ ୫ ବର୍ଷ ପାଇଁ ନିଲାମ ନିମନ୍ତେ ଇଚ୍ଛୁକ ବ୍ୟକ୍ତି ବିଶେଷମାନଙ୍କଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି । ଇଚ୍ଛୁକ ବ୍ୟକ୍ତି ଉକ୍ତ ସର୍ତ୍ତାବଳୀ ପ୍ରକାରେ ଦରଖାସ୍ତ ସହ ଆବଶ୍ୟକୀୟ ଦସ୍ତାବିଜ ସଂଲଗ୍ନ କରି ଜଉମୁଦଦିଆ ଲଫାପାରେ ଲଫାପାଉପରେ ଉତ୍ସର ନାମ ଲେଖା ଥାଇ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯ୍ୟାଳୟରେ ଉଦ୍ଦିଷ୍ଟ ଟେଣ୍ଡର ବାକ୍ସରେ ଆସନ୍ତା ତା:୨୮.୦୮.୨୦୨୦ରିଖଠାରୁ ତା:୧୫.୦୯.୨୦୨୦ରିଖ ଅପରାହ୍ନ ୩.00 ଘ. ପର୍ଯ୍ୟନ୍ତ ସରକାରୀ କାର୍ଯ୍ୟ ଦିବସରେ ଆବେଦନପତ୍ର ଦାଖଲ କରିପାରିବେ । ଉପରୋକ୍ତ ଧାର୍ଯ୍ୟ ସମୟପରେ ପ୍ରାପ୍ତ କିମ୍ବା ଅସମ୍ପୂର୍ଣ୍ଣ ଦରଖାସ୍ତ ବିଚାରକୁ ନିଆଯିବ ନାହିଁ । ଧାର୍ଯ୍ୟ ତାରିଖ ଓ ସମୟ ମଧ୍ୟରେ ପ୍ରାପ୍ତ ସମସ୍ତ ଦରଖାସ୍ତ ଗୁଡିକୁ ତା.୧୬.୦୯.୨୦୨୦ରିଖ ଅପରାହ୍ନ ୩.00 ଘ. ସମୟରେ ସମସ୍ତ ଦରଖାସ୍ତକାରୀ କିମ୍ବା ସେମାନଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଜଉମୁଦଦିଆ ବାକ୍ସ ଓ ଲଫାପା ଖୋଲାଯାଇ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ଓ ସର୍ବୋଚ୍ଚ ଦେୟ ରାଶି ପ୍ରଦତ୍ତ ଦରଖାସ୍ତକାରୀଙ୍କୁ ଲଘୁ ଖଣିଜ ଲିଜ ପାଇଁ ଯୋଗ୍ୟ ବିବେଚନା କରାଯିବ ।

ଯଦି ପ୍ରଥମ ଧାର୍ଯ୍ୟ ତାରିଖ ମଧ୍ୟରେ କୌଣସି ଉତ୍ସ ପାଇଁ ଦରଖାସ୍ତ କରାଯାଇ ନ ଥାଏ ବା ଯେଉଁ ଉତ୍ସ ଲିଜ ପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ କରାଯାଇ ପାରିନାହିଁ, ସେହି ଉତ୍ସଗୁଡିକ ପାଇଁ ଦ୍ୱିତୀୟ ଥର ତା:୨୧.୦୯.୨୦୨୦ରିଖ ନତୁବା ତୃତୀୟ ଥର ପାଇଁ ତା:୨୮.୦୯.୨୦୨୦ରିଖ ଅପରାହ୍ନ 3.00 ଘଟିକା ସମୟ ପର୍ଯ୍ୟନ୍ତ ସମସ୍ତ କାର୍ଯ୍ୟ ଦିବସରେ ଇଚ୍ଛୁକ ବ୍ୟକ୍ତି ଦରଖାସ୍ତ କରିପାରିବେ ଏବଂ ସେଗୁଡିକ ଉକ୍ତ ଦିନ 4.00 ଘଟିକାରେ ଉପରୋକ୍ତ ପ୍ରଣାଳୀରେ ସେହି ନିର୍ଦ୍ଦିଷ୍ଟ ଉତ୍ସ ଗୁଡିକପାଇଁ ଯୋଗ୍ୟ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଆରମ୍ଭ କରାଯିବ ।

କୌଣସି କ୍ଷେତ୍ରରେ ଆବେଦନକାରୀଙ୍କ ଦ୍ଵାରା ପ୍ରଦତ୍ତ ଅତିରିକ୍ତ ଦେୟ ରାଶି ରୟାଲିଟିର ଶତକଡା ୫ ଭାଗରୁ କମ ହେବ ନାହିଁ । ଆବେଦନକାରୀଙ୍କ ଦ୍ଵାରା ଉଲ୍ଲିଖିତ ସର୍ବୋଚ୍ଚ ଅତିରିକ୍ତ ଦେୟ ରାଶି ଭିତ୍ତିରେ ଯୋଗ୍ୟ ଲିଜଧାରୀ ଚୟନ କରାଯିବ । ଏକାଧିକ ଆବେଦନକାରୀ ଅନ୍ୟଥା ଯୋଗ୍ୟ ଥାଇ ସମ୍ପୃକ୍ତ ସୈରାତ ଉତ୍ସ ନିମନ୍ତେ ସମାନ ଅତିରିକ୍ତ ଦେୟରାଶି ଦର୍ଶାଇଥିଲେ ଲଟେରୀ ଦ୍ଵାରା ଯୋଗ୍ୟ ଲିଜଧାରୀ ସ୍ଥିର କରାଯିବ । ବିଜ୍ଞାପନ ସମ୍ବନ୍ଧୀୟ ସବିଶେଷ ବିବରଣୀ ତହସିଲଦାର, କନ୍ଧମାଳ ଓ ଏହି ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଏବଂ ବୌଦ୍ଧ ଜିଲ୍ଲା ୱେବସାଇଟ(www.boudh.nic.in)ରେ ଉପଲବ୍ଧ ହେବ । ଆବଶ୍ୟକସ୍ଥଳେ କୌଣସି କାରଣ ନ ଦର୍ଶାଇ କର୍ତ୍ତୃପକ୍ଷ ନିଲାମ ସ୍ଥଗିତ କିମ୍ବା ରଦ୍ଦ କରି ପାରିବେ ।

ତହସିଲଦାର, କନ୍ଧମାଳ ।

ପରିପତ୍ର ସଂଖ୍ୟା ୧୯୧୧ / ତାରିଖ ୨୪.୮.୨୦

ଏହାର ନକଲ ତହସିଲ କାର୍ଯ୍ୟାଳୟ, ନୋଟିସ ବୋର୍ଡରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଲଟକାଗଲା ।

ଏହାର ନକଲ କନ୍ଧମାଳ ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ/କନ୍ଧମାଳ ପଞ୍ଚାୟତ ସମିତି ଅନ୍ତର୍ଗତ ସମସ୍ତ ସରପଞ୍ଚ/ଗୋଷ୍ଠୀ ଉନ୍ନୟନ ଅଧିକାରୀ, କନ୍ଧମାଳଙ୍କ ଅବଗତି ତଥା ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନ୍ଧମାଳ ।

ପରିପତ୍ର ସଂଖ୍ୟା ୯୮୯୨ / ତାରିଖ ୨୪-୮-୨୦

ଏହାର ନକଲ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ବୌଦ୍ଧ/D.I.O., NIC, Boudhଙ୍କ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା । D.I.O., NIC, Boudhଙ୍କୁ ଅନୁରୋଧ କରାଗଲା ଯେ ଉକ୍ତ ବିଜ୍ଞାପନଟି ବୌଦ୍ଧ ଜିଲ୍ଲା ୱେବସାଇଟରେ ଜନସାଧାରଣଙ୍କ ସୂଚନା ନିମନ୍ତେ ପ୍ରଦର୍ଶିତ କରିବେ ।

ତହସିଲଦାର, କନ୍ଧମାଳ ।

ପରିପତ୍ର ସଂଖ୍ୟା ୯୮୯୩ /ତାରିଖ ୨୪-୮-୨୦

ଏହାର ନକଲ ଜିଲ୍ଲାପାଳ, ବୌଦ୍ଧ/ଉପ-ଜିଲ୍ଲାପାଳ, ବୌଦ୍ଧଙ୍କ ସଦୟ ଅବଗତି ଓ ବିହୀତ କାର୍ଯ୍ୟାନୁଷ୍ଠାନ ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, କନ୍ଧମାଳ ।

କନ୍ଧମାଳ ତହସିଲରେ ନିଲାମ ହେବାକୁ ଥିବା ଲଘୁ ଖଣିଜ ଉତ୍ସଗୁଡିକର ସଂପୂର୍ଣ୍ଣ ବିବରଣୀ

| କ୍ର. ସଂ. | ସୈରାତ ଉତ୍ସର ନାମ | ମୌଜା | ଖାତା ନଂ. | ପ୍ଲଟ ନଂ. | ରକବା (ଏକରରେ) | କିସମ | ସର୍ବନିମ୍ନ ରୟାଲିଟି (ଟଙ୍କାରେ) (ଘ.ମି. ପ୍ରତି) | ସର୍ବନିମ୍ନ ଅତିରିକ୍ତ ଦେୟ (ଟଙ୍କାରେ) (ଘ.ମି. ପ୍ରତି) | MGQ ଅନୁଯାୟୀ ବାର୍ଷିକ ଧାର୍ଯ୍ୟ ଉତ୍ତୋଳନ ପରିମାଣ (in cum.) (approx.) | ଅଗ୍ରୀମ ଦାଖଲ କରିବା EMD ରାଶିର ପରିମାଣ |
|---|---|---|---|---|---|---|---|---|---|---|
| ୧ | ଛପ୍ରା ବାଲିଘାଟ | ଛପ୍ରା | ୧୨୬ | ୬୫୨ (ଅଂଶ) | ୬.୨୦୦ | ନଦୀ (ତେଲ) | ୩୫-୦୦ | ୪୦.୦୦ | ୩୦୫୦ | ୨୨୮୭୫/- |
| ୨ | ଫାସେଡ଼ ବାଲିଘାଟ | ଫାସେଡ଼ | ୧୪୪ | ୧୦୯ (ଅଂଶ) | ୪.୧୦୫ | ନଦୀ (ତେଲ) | ୩୫-୦୦ | ୭୦.୦୦ | ୧୦୦୭୦ | ୧୦୫୭୩୫/- |
| | | | | ୧୧୦ (ଅଂଶ) | ୮.୨୫୦ | | | | | |
| | | | | ୫୯୦ (ଅଂଶ) | ୧୨.୩୫୫ | | | | | |
| | | | | ମୋଟ | ୨୪.୭୧୦ | | | | | |
| ୩ | ବଡଛପାପାଲି ବାଲିଘାଟ | ବଡଛପାପାଲି | ୨୭୬ | ୩୦୯ (ଅଂଶ) | ୩.୮୦୦ | ନଦୀ | ୩୫-୦୦ | ୫୦,୦୦ | ୬୦୪୦ | ୫୧୩୪୦/- |
| | | | | ୩୧୦ (ଅଂଶ) | ୮.୭୦୦ | | | | | |
| | | | | ମୋଟ | ୧୨.୫୦୦ | | | | | |
| ୪ | କିର୍ଲା ବାଲିଘାଟ | କିର୍ଲା | ୧୩୭ | ୨୧୪ (ଅଂଶ) | ୨୫.୦୦୦ | ନଦୀ (ତେଲ) | ୩୫-୦୦ | ୬୦.୦୦ | ୬୦୬୦ | ୫୭୫୭୦/- |

ତହସିଲଦାର, କନ୍ଧମାଳ ।

## ଦରଖାସ୍ତ ସମ୍ବନ୍ଧୀୟ ଆବଶ୍ୟକୀୟ କାଗଜାତ

୧. ଦରଖାସ୍ତକାରୀ ତିନିକିତା ଦରଖାସ୍ତ(Form-M) ପୂରଣ କରି ଏହା ସହିତ ସମସ୍ତ କାଗଜାତକୁ ଏକ ବଡ ଲଫାପାରେ ଭର୍ତ୍ତିକରି ଉକ୍ତ ଲଫାପା ଉପରେ ସ୍ପଷ୍ଟ ଭାବରେ ସୈରାତ ଉତ୍ସର ନାମ, ଦରଖାସ୍ତକାରୀଙ୍କ ନାମ, ଠିକଣା ଓ ମୋବାଇଲ ନମ୍ବର ଦେବେ ।
୨. ଦରଖାସ୍ତ ବାବଦକୁ ଟ.୧୦୦୦/-(ଏକ ହଜାର ଟଙ୍କା) ଅଣ ଫେରସ୍ତ ରାଶିର ଟ୍ରେଜେରୀ ଚାଲାଣ ଦାଖଲ କରିବେ ।
Demand No-. " 0853 –Non Ferrous Mining and Metallurgical-102-Mineral Concession Fees, Rent and Royalties 0217 receipt under Odisha Minor Mineral Concession Fees(new)-02021 collection of fees, rent & royalties(new)".

୩. ଦରଖାସ୍ତକାରୀଙ୍କ ନାମରେ ଖଣିଜ ଦ୍ରବ୍ୟ ଦେୟ ବାବଦରେ ଓଡିଶା ସରକାରଙ୍କଠାରେ ବକେୟା ନ ଥିବା ଓ ନିଜ ନାମରେ କୌଣସି ଅପରାଧିକ ମାମଲା ନ ଥିବା ସମ୍ବନ୍ଧେ ଏକ ସଦ୍ୟ ସତ୍ୟପାଠ ଦାଖଲ କରିବେ ।
୪. ପ୍ରସ୍ତାବିତ ଉତ୍ସର ଚୌହଦିର ସଂପୂର୍ଣ୍ଣ ବିବରଣୀ(ଉତ୍ସକୁ ପରିଦର୍ଶନ କରି) ତହସିଲ ନକ୍ସା ସହ ମେଳ କରି ଦରଖାସ୍ତ ସହ ସଂଲଗ୍ନ କରିବେ ।
୫. ଦରଖାସ୍ତ ସହିତ EMD ରାଶି ବାବଦକୁ ଉକ୍ତ ସୈରାତ ଉତ୍ସର ମୋଟ ବାର୍ଷିକ ଦେୟର ୧୦ % ବ୍ୟାଙ୍କ ଡ୍ରାଫ୍ଟ ଜରିଆରେ ତହସିଲଦାର, କଣ୍ଟାମାଳଙ୍କ ନାମରେ(payable at Kantamal) ପ୍ରଦାନ କରିବେ ।

(EMD calculation: 10 % of {MGQ X (Royalty + Addl. Charges (ବିଜ୍ଞପ୍ତି ଅନୁସାରେ)}

୬. ବ୍ୟାଙ୍କ ଗ୍ୟାରେଣ୍ଟି (1½ ବର୍ଷ validity) ଯାହାକି ଦରଖାସ୍ତ କରୁଥିବା ସୈରାତ ଉତ୍ସର ବାର୍ଷିକ ମୂଲ୍ୟ{MGQ X (Royalty + Addl. Charges(ବିଜ୍ଞପ୍ତି + ପ୍ରାର୍ଥୀଙ୍କ ଅନୁସାରେ)} ଠାରୁ ଅଧିକ ହୋଇଥିବ ।
୭. ଆୟକର ସମ୍ପର୍କିତ ନିକାଶୀ ପ୍ରମାଣପତ୍ର(Income Tax Clearance Certificate) କିମ୍ବା Assessment year ର IT Return ର ନକଲ ଦାଖଲ କରିବେ ।
୮. ଦରଖାସ୍ତକାରୀ ଆଧାର କାର୍ଡ ଓ ପାନ କାର୍ଡର ନକଲ ଦାଖଲ କରିବେ ।
୯ . ଚଳିତ ଆର୍ଥିକ ବର୍ଷର GST Clearance ଦାଖଲ କରିବେ ।

**ବି: ଦ୍ର:-** ୧- ଦରଖାସ୍ତକାରୀ ଦରଖାସ୍ତ କରିବା ପୂର୍ବରୁ ସୈରାତ ଉତ୍ସ ଗୁଡିକୁ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନା ଗମନ ସୁବିଧା, ଗଛିତ ଥିବା ଲଘୁ ଖଣିଜ ପଦାର୍ଥ ପର୍ଯ୍ୟବେକ୍ଷଣ କରି ଦରଖାସ୍ତ କରିବେ ।

୨-ଦରଖାସ୍ତକାରୀଙ୍କୁ କୌଣସି ପରିସ୍ଥିତିରେ ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ରୟାଲିଟି ଓ ଅତିରିକ୍ତ ମୂଲ୍ୟରୁ କମ ଦରରେ ଲିଜ ଅନୁମୋଦନ କରାଯିବ ନାହିଁ ।

୩- Mining Plan ପ୍ରସ୍ତୁତି ଓ ଅନୁମୋଦନ ବାବଦରେ ହୋଇଥିବା ସମସ୍ତ ଖର୍ଚ୍ଚ ଲିଜଧାରୀ ବହନ କରିବେ ।

୪- ପ୍ରତ୍ୟେକ ଉତ୍ସ ପାଇଁ ପୃଥକ ଭାବେ ଆବେଦନ କରିବେ ।

୫- ପରିବେଶ ସମ୍ବନ୍ଧୀୟ ଅନୁମତି ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଲିଜଧାରୀ ନିଜ ଖର୍ଚ୍ଚ ଓ ଦାୟୀତ୍ୱରେ ହାସଲ କରିବେ ।

୬- କ୍ଷମତାପ୍ରାପ୍ତ ଅଧିକାରୀଙ୍କଠାରୁ କାର୍ଯ୍ୟାଦେଶ ନ ପାଇଲା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠାଇ ପାରିବେ ନାହିଁ ।

୭- ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ବିଚ୍ୟୁତି ପରିଲକ୍ଷିତ ହୁଏ ତେବେ ତାହା ସଂଶୋଧନ, ଯୋଗ ଓ ବିୟୋଗ କରିବାର କ୍ଷମତା କ୍ଷମତାପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

୮- ଏ ସମ୍ବନ୍ଧୀୟ ସମସ୍ତ ବିଷୟ ODISHA MINOR MINERAL CONCESSION RULES, 2016 ଓ ତଦପରବର୍ତ୍ତୀ ସଂଶୋଧିତ ନିୟମାବଳୀ ଅନୁସାରେ ପରିଚାଳିତ ହେବ ।